# NATIONAL NEWS BULLETIN (ODIA)
## 23 May - 2024
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର ।

– ଆସନ୍ତା ଶନିବାର ଦିନ ୫୮ଟି ଲୋକସଭା ଆସନ ଲାଗି ୮୮୯ ଜଣ ପ୍ରାର୍ଥୀଙ୍କର ନିର୍ଣ୍ଣୟ ହେବ ରାଜନୈତିକ ଭବିଷ୍ୟତ ।

- ଓଡ଼ିଶାର କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଦୁଇଟି ବୁଥ୍‌ରେ ଶେଷ ହେଲା ପୁନଃ ମତଦାନ ।

- ମହାରାଷ୍ଟ୍ରର ଉଜାନୀ ଜଳଭଣ୍ଡାର ଡଙ୍ଗାବୁଡ଼ି ଘଟଣାରେ ନିଖୋଜ ଥିବା ସମସ୍ତ ୬ ଜଣଙ୍କର ମୃତଦେହ ଉଦ୍ଧାର ।

- ହମାସ ସହ ପଣବନ୍ଦୀଙ୍କୁ ମୁକ୍ତ ଏବଂ ଅସ୍ତ୍ରବିରତି ଆଲୋଚନା ନେଇ ପ୍ରସ୍ତୁତ ନୂଆ ନିର୍ଦ୍ଦେଶାବଳୀ ଇସ୍ରାଏଲ୍‌ର ଯୁଦ୍ଧ କ୍ୟାବିନେଟ୍ ଦ୍ୱାର ଅନୁମୋଦିତ ।

ଏବଂ

- ଯୁବପିଢ଼ିଙ୍କୁ ଭିଜୁଆଲ୍ ଇଫେକ୍ଟ ଏବଂ ଆନିମେସନ୍ ଉପରେ ପ୍ରଶିକ୍ଷଣ ଦେବା ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି, କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ ସଂଜୟ ଜାଜୁ ।

## ନିର୍ବାଚନ

ଦେଶର ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ସଂଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଆସନ୍ତା ଶନିବାର ଦିନ ହେବାକୁ ଥିବା ଭୋଟ୍‌ଗ୍ରହଣରେ ବିହାରର ୮ଟି, ହରିୟାଣାର ସମସ୍ତ ୧୦ଟି, ଦିଲ୍ଲୀର ସମସ୍ତ ୭ଟି, ଓଡ଼ିଶାର ୬ଟି, ଉତ୍ତରପ୍ରଦେଶର ୧୪ଟି, ପଶ୍ଚିମବଙ୍ଗର ୮ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ୮ଶହ ଅଣାନବେ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ ।

ସେହିଦିନ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬ଟି ଲୋକସଭା ଆସନ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ ।

# ଓଡ଼ିଶା-ରିପୋଲିଂ

ଓଡ଼ିଶାର କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଢାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୨୬ ଏବଂ ୨୮ରେ ଆଜି ପୁନଃ ମତଦାନ ଅନୁଷ୍ଠିତ ହୋଇଛି ।

ଆମ ବୌଦ୍ଧ ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ କିରାସିଲାର ୨୬ ନମ୍ବର ବୁଥ୍‌ରେ ୮୬ ପ୍ରତିଶତ ଏବଂ  ମହେଶ୍ୱର ପିଣ୍ଡାର ୨୮ ନମ୍ବର ବୁଥ୍‌ରେ ୭୬ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଗତ ୨୦ ତାରିଖ ଦିନ ଏହି ଦୁଇଟି ବୁଥ୍‌ରେ ମତଦାନ ହୋଇଥିଲା । ତେବେ ମତଦାନ ସମୟରେ ଉଭୟ ବୁଥ୍‌ରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପରେ ଆଜି ସେଠାରେ ପୁନଃ ମତଦାନ ହୋଇଛି ।

# ପିଏମ୍

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହରିଆନାର ମହେନ୍ଦ୍ରଗଡ଼ ଠାରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରି କହିଥିଲେ, ଇଣ୍ଡି ମେଣ୍ଟର ନେତୃବୃନ୍ଦ ସର୍ବଦା ଦେଶ ଅପେକ୍ଷା ନିଜର ପରିବାରବର୍ଗଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଗତ ୫ଟି ଯାକ ପର୍ଯ୍ୟାୟ

ନିର୍ବାଚନରେ ଇଣ୍ଡି ମେଣ୍ଟର ପ୍ରାର୍ଥୀ ବହୁ ଆସନରେ ପରାଜିତ ହେବେ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଏକ ପଦବୀ ଏକ ପେନ୍‌ସନ୍ ଯୋଜନା ଲାଗୁ କରିବା ପାଇଁ କେନ୍ଦ୍ର ସରକାର ୧ଲକ୍ଷ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧି ଗତକାଲି ସେହି ଲୋକସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି କହିଥିଲେ, ଅଗ୍ନିବୀର ଯୋଜନା ପ୍ରଣୟନ କରି ବିଜେପି ଭାରତୀୟ ସେନାକୁ ଅପମାନିତ କରିଛି । ଇଣ୍ଡି ମେଣ୍ଟ ସରକାର ଗଠନ କଲେ ଏହି ଯୋଜନା ପ୍ରତ୍ୟାହୃତ ହେବ ବୋଲି ସେ କହିଛନ୍ତି ।

## ଓଡ଼ିଶା-କ୍ୟାମ୍ପେନିଂ

ଓଡ଼ିଶାର ଯାଜପୁର ଜିଲ୍ଲା ବଡ଼ଚଣା ମହୋତ୍ସବ ପଡ଼ିଆରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶାର ସମସ୍ତ ଲୋକସଭା ଆସନରେ ବିଜେପି ବିଜୟୀ ହେବ ଏବଂ ବିଧାନସଭା ମଣ୍ଡଳୀ ଗୁଡ଼ିକରେ ମଧ୍ୟ ବିପୁଳ ବିଜୟ ହାସଲ କରି ସରକାର ଗଢ଼ିବ ବୋଲି କହିଛନ୍ତି । ମୋଦୀ ସରକାରଙ୍କ ଅମଳରେ

ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ଉପରେ ସେ ଏହି ଅବସରରେ ଆଲୋକପାତ କରିଥିଲେ ।

ଏହା ପୂର୍ବରୁ ଶ୍ରୀ ନଡ୍ଡା କରଞ୍ଜିଆ ଠାରେ ନିର୍ବାଚନୀ ସଭାକୁ ସମ୍ବୋଧନ କରି ଗତ ୧୦ ବର୍ଷ ମଧ୍ୟରେ ଏନ୍.ଡି.ଏ. ସରକାର ଅମଳରେ ନିଆଯାଇଥିବା ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ଶ୍ରୀ ନଡ୍ଡା ମଧ୍ୟ ଧାମନଗର ଏବଂ ବାଲିକୁଦା ବିଧାନସଭା ମଣ୍ଡଳୀ ଅଞ୍ଚଳରେ ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ସେହିଭଳି ନିର୍ବାଚନ ପ୍ରଚାରରେ ଓଡ଼ିଶା ଗସ୍ତରେ ଆସି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାଣପୁର ଜନସମାବେଶକୁ ଉଦ୍‌ବୋଧନ ଦେଇ କହିଛନ୍ତି, ରାଜ୍ୟରେ ଦୁର୍ନୀତିକୁ ମୂଳୋତ୍ପାଟ କରିବାକୁ ହେଲେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଆସ୍ଥା ସ୍ଥାପନ କରିବା ଜରୁରୀ । ଏନ୍.ଡି.ଏ. ସରକାର ଅମଳରେ ବିଶ୍ୱରେ ଭାରତର ସମ୍ମାନ ବଢ଼ିଛି ଏବଂ ଆତଙ୍କବାଦ ବିରୋଧରେ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ଆଦିତ୍ୟନାଥ ମଧ୍ୟ ମାହାଙ୍ଗାଠାରେ ଏକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓଡ଼ିଶାରେ କେତୋଟି ନିର୍ବାଚନୀ ର୍‍ୟାଲିରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ।

## ସେଭେନ୍‌ଫେଜ୍ ଇଲେକ୍‌ସନ୍

ଆସନ୍ତା ପହିଲାରେ ଦେଶରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ପର୍ଯ୍ୟାୟ ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ସଂସଦୀୟ କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ୍ ୨ହଜାର ୧୦୫ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ନାମାଙ୍କନପତ୍ର ଯାଞ୍ଚ୍ ଏବଂ ପ୍ରତ୍ୟାହାର ପରେ ୯୦୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ ଏବଂ ପଞ୍ଜାବର ୧୩ଟି ଲେଖାଏଁ ଲୋକସଭା ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ ଚଣ୍ଡିଗଡ଼ର ଗୋଟିଏ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ ।

# ମହାରାଷ୍ଟ୍ର ଉଜାନୀ ବୋଟ୍ ମିସାପ୍

ମହାରାଷ୍ଟ୍ରର ସୋଲାପୁର ଜିଲ୍ଲା ଅନ୍ତର୍ଗତ ଉଜାନୀ ଜଳ ଭଣ୍ଡାରରେ ଡଙ୍ଗାବୁଡ଼ି ଘଟଣାରେ ନିଖୋଜ ଥିବା ସମସ୍ତ ୬ ଜଣଙ୍କର ଆଜି ମୃତ ଦେହ ଉଦ୍ଧାର କରାଯାଇଛି । ଜାତୀୟ ବିପର୍ଯ୍ୟୟ ପ୍ରସମନ ବାହିନୀ ଏନ୍.ଡି.ଆର୍.ଏଫ୍. ଉଦ୍ଧାର କରିଥିବା ଏହି ମୃତଦେହ ଗୁଡ଼ିକ ମଧ୍ୟରେ ତିନି ଜଣ ପୁରୁଷ, ଜଣେ ମହିଳା ଏବଂ ଦୁଇ ଜଣ ଶିଶୁ ଅଛନ୍ତି । ଏହି ଡଙ୍ଗାରେ ଯାତ୍ରା କରୁଥିବା ୭ ଜଣଙ୍କ ମଧ୍ୟରୁ ଜଣେ ପହଁରି ପହଁରି କୂଳରେ ପହଞ୍ଚିବାକୁ ସକ୍ଷମ ହୋଇଥିଲେ । ଏହା ପରେ ଏହି ଡଙ୍ଗା ବୁଡ଼ି ନେଇ ଖବର ଜଣାପଡ଼ିଥିଲା । ଏନ୍.ଡି.ଆର୍.ଏଫ୍. ଟିମ୍ ଗତ ଦୁଇ ଦିନ ଧରି ନିଖୋଜ ଥିବା ଲୋକଙ୍କର ସନ୍ଧାନ ଜାରି ରଖିଥିଲେ ।

ଅନ୍ୟ ଏକ ଘଟଣା କ୍ରମରେ ଅହମଦ୍‌ନଗର ଜିଲ୍ଲାର ପ୍ରଭାରା ନଦୀରେ ଉଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ବାହିନୀ ଏସ୍.ଡି.ଆର୍.ଏଫ୍.ର ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି । ଅକୋଲାରେ ନଦୀରେ ବୁଡ଼ିଯାଇ ଦୁଇ ଜଣ ଶିଶୁ ନିଖୋଜ ହେବା ଘଟଣାରେ ଏହି ଉଦ୍ଧାର କାର୍ଯ୍ୟ ଚାଲିଥିଲା । ଉଦ୍ଧାର କାର୍ଯ୍ୟ ସମୟରେ ଏସ୍.ଡି.ଆର୍.ଏଫ୍.ର ଡଙ୍ଗାଟି ବୁଡ଼ିଯିବାରୁ ଏହି ଦୁର୍ଘଟଣା ଘଟିଛି । ଆହତ ତିନି ଜଣ ଯବାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ସେମାନଙ୍କୁ ମୃତ ବୋଲି ଘୋଷଣା କରାଯାଇଥିଲା ।

## ଇସ୍ରାଏଲ୍-ହମାସ

ହମାସ ସହ ପଣବନ୍ଦୀଙ୍କୁ ମୁକ୍ତ ଏବଂ ଅସ୍ତ୍ର ବିରତି ଆଲୋଚନା ନେଇ ପ୍ରସ୍ତୁତ ନୂଆ ନିର୍ଦ୍ଦେଶାବଳୀକୁ ଇସ୍ରାଏଲ୍‌ର ଯୁଦ୍ଧ କ୍ୟାବିନେଟ୍ ଅନୁମୋଦନ କରିଛି । ସେଠାକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଯୁଦ୍ଧ କ୍ୟାବିନେଟ୍ ମୋସାଦ ମୁଖ୍ୟ ଡେଭିଡ୍ ବାର୍ଣ୍ଣିଆ ଏବଂ ଶିନ୍ ବେଟ୍‌ର ନିର୍ଦ୍ଦେଶକ ରୋନେନ ବାର୍‌ଙ୍କ ସମେତ ହମାସ ସହ ଆଲୋଚନା କରୁଥିବା ଦଳକୁ ପଣବନ୍ଦୀଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ଗତ ଅକ୍ଟୋବର ୭ ତାରିଖରେ ହମାସ ଦ୍ୱାରା ନାହାଲ୍ ଓଜ୍ ଅଞ୍ଚଳରୁ ୫ ଜଣ ମହିଳା ସୈନିକଙ୍କୁ ଅପହରଣ କରାଯାଇଥିବା ସଂକ୍ରାନ୍ତ ଭିଡ଼ିଓ ଫୁଟେଜ୍‌କୁ ସେମାନଙ୍କ ପରିବାରବର୍ଗ ଜଣାଇବା ପରେ ଯୁଦ୍ଧ କ୍ୟାବିନେଟ୍ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁଯାୟୀ ୧୨୮ ଜଣଙ୍କୁ ଏବେ ମଧ୍ୟ ହମାସ ପଣବନ୍ଦୀ କରି ରଖିଛି ।

## ପୁଟିନ୍-ଟ୍ରମ୍ପ୍

ୱାଲ୍ ଷ୍ଟ୍ରିଟ୍ ରିପୋର୍ଟର ଇଭାନ୍ ଗେର୍ସ୍‌କୋଭିଚ୍‌ଙ୍କ ସମ୍ଭାବ୍ୟ ମୁକ୍ତି ଉପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର୍ ପୁଟିନ୍ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ କୌଣସି ଆଲୋଚନା କରି ନ ଥିଲେ ବୋଲି କ୍ରେମ୍‌ଲିନ୍ ପକ୍ଷରୁ ଆଜି ସ୍ପଷ୍ଟ କରାଯାଇଛି । ଶ୍ରୀ ଇଭାନ୍‌ଙ୍କୁ ରୁଷୀୟ

ଜେଲ୍‌ରୁ ମୁକ୍ତ କରିବା ଲାଗି ରୁଷ ରାଷ୍ଟ୍ରପତିଙ୍କ ସହ ଥିବା ତାଙ୍କ ସମ୍ପର୍କକୁ ସେ ବ୍ୟବହାର କରିବା ସଂକ୍ରାନ୍ତ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବ୍ୟକ୍ତବ୍ୟ ପରିପ୍ରେକ୍ଷୀରେ କ୍ରେମ୍‌ଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍କୋ ଏହା କହିଛନ୍ତି । ମସ୍କୋ ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସେ ସ୍ପଷ୍ଟିକରଣ ଦେଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ ଲେଖିଥିଲେ ଆସନ୍ତା ନଭେମ୍ବରରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ସରିବା ପରେ ଇଭାନ୍‌ଙ୍କ ମୁକ୍ତି ନେଇ ପଦକ୍ଷେପ ଗ୍ରହଣ କରାଯିବ । ଗୁପ୍ତଚର ଅଭିଯୋଗରେ ଗତବର୍ଷ ମାର୍ଚ୍ଚ ମାସରେ ଇଭାନ୍‌ଙ୍କୁ ରୁଷୀଆ ଗିରଫ୍ କରିଛି ।

## ମହା-ଫାୟାର୍ ଇନ୍‌ସିଡେଣ୍ଟ

ମହାରାଷ୍ଟ୍ରର ଦୋମିଭିଲ୍ **MIDC** ଅଞ୍ଚଳରେ ଏକ ଅଗ୍ନିକାଣ୍ଡ ଘଟଣାରେ  ଚାରି ଜଣଙ୍କର ମୃତ୍ୟୁ ହେବା ସହ ୨୪ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୫ ଜଣ ମହିଳା ଅଛନ୍ତି । ଥାନେ ଜିଲ୍ଲାର ଏହି ଅଞ୍ଚଳରେ ଆଜି ଅପରାହ୍ଣରେ ଘଟିଥିବା ଏହି ଅଗ୍ନିକାଣ୍ଡ ଘଟଣାରେ ୧୦ଟି ଦମକଳ ବାହିନୀ ନିଆଁଲିଭା କାର୍ଯ୍ୟରେ  ସାମିଲ ହୋଇଛନ୍ତି ।

# ଲଦାଖ-ରେଜୁପାଭ୍

ଲଦାଖର କାର୍ଗିଲ୍‌ରେ ରେଜୁପାଭ୍ ସଡ଼କ ନିର୍ମାଣ ଜ୍ଞାନକୌଶଳକୁ ସୀମା ସଡ଼କ ସଂଗଠନ ବି.ଆର୍.ଓ. ପ୍ରକଳ୍ପ ବିଜୟକରେ ସଫଳତାର ସହ ବ୍ୟବହାର କରିଛି । ମୁଖ୍ୟ ବୈଜ୍ଞାନିକ ତଥା ରେଜୁପାଭ୍‌ର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି, ଏହି ଜ୍ଞାନକୌଶଳ ଥଣ୍ଡା ତାପମାତ୍ରାରେ ସଡ଼କ ନିର୍ମାଣକୁ ସହଜ କରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ମଧ୍ୟ ହ୍ରାସ କରେ । ଲଦାଖ ପରିବେଶର ସମ୍ବେଦନ ଅଞ୍ଚଳ ସଂରକ୍ଷଣରେ ଏହା ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ରେଜୁପାଭ୍ ପ୍ରଣାଳୀ ବ୍ୟବହାର ଦ୍ୱାରା ସଡ଼କ ଗୁଡ଼ିକ ଉନ୍ନତ ଏବଂ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ପ୍ରୋଜେକ୍ଟ ବିଜୟକ ର ଦାୟିତ୍ୱରେ ଥିବା ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଦିବ୍ୟଙ୍କିତ୍ ନୈନ୍‌ତାଲ କହିଛନ୍ତି, ରେଜୁପାଭ୍‌ର ବ୍ୟବହାର ଦ୍ୱାରା ପରିବହନ ସମୟରେ ସୃଷ୍ଟି ହେଉଥିବା ଉତାପ ହ୍ରାସ ପାଇଥାଏ । ୧୩ହଜାର ଫୁଟ୍ ଉଚ୍ଚତାରେ ଥିବା ଦ୍ରାସ୍ ଉମ୍ବାଲା ଏବଂ ସାନ୍‌କୁ ରାସ୍ତାରେ ମଧ୍ୟ ଏହାର ସଫଳ ପରୀକ୍ଷଣ କରାଯାଇଛି ବୋଲି ବି.ଆର୍.ଓ. ପକ୍ଷରୁ ସୂଚନା ଦିଆଯାଇଛି ।

# ଆଇ ଆଣ୍ଡ ବି – ଏସ୍‌ଇକି ଭିଜିଟ୍

କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, ଯୁବପିଢ଼ିଙ୍କୁ ଭିଜୁଆଲ୍ ଇଫେକ୍ଟ ଏବଂ ଆନିମେସନ୍ ଉପରେ ପ୍ରଶିକ୍ଷଣ ଦେବା ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଚେନ୍ନାଇରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ୩ଲକ୍ଷ କୋଟି ଟଙ୍କାର ଚଳଚ୍ଚିତ୍ର ନିର୍ମାଣ ଶିଳ୍ପକୁ ଆଧୁନିକ ଜ୍ଞାନକୌଶଳର ବିଭିନ୍ନ ଦିଗ ଉପରେ ଦକ୍ଷତାର ଆବଶ୍ୟକତା ରହିଛି । ଶ୍ରୀ ଜାଜୁ ଏହି ଅବସରରେ ମନ୍ତ୍ରଣାଳୟର ଏ ନେଇ ଭବିଷ୍ୟତ ଲକ୍ଷ୍ୟ ଉପରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ ।